ଧରିତ୍ରୀ
DHARITRI
ସୋମବାର, ୨୩ ଅଗଷ୍ଟ, ୨୦୨୧

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଅନୁଗୋଳ ଅଫିସ: ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁର ଗ୍ରାମର ସରୋଜ ମହାପାତ୍ର(୨୮)ଙ୍କ ରବିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସରୋଜ ଏକ ପୁରୁଣା ବିଦ୍ୟୁତ୍ ବୋର୍ଡ ସଜାଡୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ପୂର୍ଣ୍ଣଚନ୍ଦ୍ର କଞ୍ଜୁମର କମିଶନ ସଭାପତି



ଢେଙ୍କାନାଳ ଅଫିସ, ୨୨।୮: ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚିଠି ନଂ. ୧୧୬୧୯/୧୨।୮।୨୧ ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ନୂତନ କଞ୍ଜୁମର କମିଶନ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ଗ୍ରହଣ କରିବା ପରେ ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ଶନିବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ସଂଘ ଉପସଭାପତି ସରୋଜ କୁମାର ପାଢ଼ୀ, ସମ୍ପାଦକ ଟଙ୍କଧର ବେହେରା, ବ୍ରହ୍ମାନନ୍ଦ ରାଉତ, ଚିତ୍ତରଞ୍ଜନ ବେହେରା, ନିର୍ମଳ ମିଶ୍ର, ଦୁର୍ଗା ପ୍ରସାଦ ଶତପଥୀ, ଶକ୍ତି ପ୍ରସାଦ ଦେବ, ପ୍ରତାପ ମହାନ୍ତି, ବିମଳ ଲୋଚନ ଗଜେନ୍ଦ୍ର, ସତ୍ୟରଞ୍ଜନ ଶତପଥୀ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଡକାୟତି ମାମଲା, ଜଣେ ଗିରଫ

ଅନୁଗୋଳ ଅଫିସ,୨୨।୮: ଏକ ପୁରୁଣା ଡକାୟତି ମାମଲାରେ ଫେରାର ଥିବା ତୁରଙ୍ଗ ଅଞ୍ଚଳର ଅଭିଯୁକ୍ତ ଦେବାଶିଷ ନାଏକଙ୍କୁ ଅନୁଗୋଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଛେଣ୍ଡିପଦା ଥାନା ଅଞ୍ଚଳରେ ୨୦୧୯ରେ ଏକ ଡକାୟତି ଘଟଣାରେ ଦେବାଶିଷଙ୍କ ସମ୍ପୃକ୍ତି ରହିଥିଲା। ଏହାପରଠାରୁ ସେ ଫେରାର ଥିଲେ। କୋର୍ଟ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ଏହି ଘଟଣାରେ ତାଙ୍କୁ ଗିରଫ କରାଯାଇଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

### ବିଲରୁ ଯୁବକଙ୍କ ମୃତଦେହ ଜବତ

ବଇଣ୍ଡା,୨୨।୮(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳମଳିହା ଗ୍ରାମ ନିକଟ ବିଲରୁ ଧନେଶ୍ୱର ମାଝିଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ନଂ. ୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗ୍ରାମବାସୀ କହିଛନ୍ତି, ଧନେଶ୍ୱର ସକାଳେ ବିଲକୁ ଚାଷ କରିବାକୁ ଯାଇଥିଲେ। କିଛି ଘଣ୍ଟା ପରେ ତାଙ୍କ ମୃତଦେହ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଥିଲେ। ସୂଚନା ପାଇ ଠାକୁରଗଡ ଆଇଆଇସି ପୀତାମ୍ବର ମଲ୍ଲିକ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି।

### ଗଛରୁ ପଡ଼ି ଜଣେ ମୃତ

ବଇଣ୍ଡା,୨୨।୮(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅରଖକୁଦ ଗ୍ରାମର ଲିଟୁ ରାଉତ (୪୨) ଶୁକ୍ରବାର ଗଛରୁ ପଡ଼ି ଗୁରୁତର ହୋଇଥିଲେ। ରବିବାର ତାଙ୍କର ମୃତ୍ୟୁ ହୋଇଯାଇଛି। ପୋଲିସ ନଂ. ୨/୨୧ରେ ଏକ ମାମଲା ରୁଜୁ କରିଛି। ଲିଟୁ ତାଙ୍କ ଶାଗୁଆନ ଗଛରେ ଚଢୁଥିବାବେଳେ ଭରସାମ୍ୟ ହରାଇ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଆଠମଲ୍ଲିକ,୨୨।୮(ଡି.ଏନ.ଏ.): ଆଠମଲ୍ଲିକ ଥାନା ଅନ୍ତର୍ଗତ ଅନନ୍ତପାଲି ଗ୍ରାମର ପ୍ରକାଶ ବେହେରା ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ନିକଟସ୍ଥ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୋଲିସ, ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

### ହାଟରୁ ସ୍କୁଟି ଚୋରି

ହିନ୍ଦୋଳ, ୨୨।୮(ଡି.ଏନ୍.ଏ.): ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ଗୁଣ୍ଡିଚାମଣ୍ଡପ ନିକଟ ହାଟରୁ କୈଳାସ ଗୋଛାୟତ (୫୬)ଙ୍କ ଏକ ସ୍କୁଟି ଚୋରି ହୋଇଥିବା ଅଭିଯୋଗ ହୋଇଛି। ହରିହାଟ ସାହିର କୈଳାସ ମଧ୍ୟାହ୍ନରେ ସ୍କୁଟି (ନଂ. ଓଡ଼ି ୧୯ କ୍ୟୁ ୧୯୦୨)ରେ ହାଟକୁ ଯାଇଥିଲେ। ସଉଦା ଧରି ଫେରିବା ବେଳକୁ ତାଙ୍କର ସ୍କୁଟି ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଘୁମୁରି କାନ୍ଦୁଛି ଘୁମୁରା

**ଘୁମୁରା ବାଜିଲେ ଉଠୁଥିଲା, ପଡୁଥିଲା ଆଦିବାସୀ ଗାଁ। ବେଶଧାରୀଙ୍କ ନୃତ୍ୟଗୀତରେ ମସ୍‌ଗୁଲ ହୋଇଯାଉଥିଲେ ଶବର ସମ୍ପ୍ରଦାୟର ଆବାଳବୃଦ୍ଧବନିତା। କେବେ ରଣବାଦ୍ୟ ତ କେବେ ଗଣବାଦ୍ୟ, କେବେ ଶକ୍ତି ଉପାସନା ତ ଆଉ କେବେ ମନୋରଞ୍ଜନର ମାଧ୍ୟମ ପାଲଟିଥିଲା ଏହି ପାରମ୍ପରିକ ଲୋକନୃତ୍ୟ। ହେଲେ ପ୍ରୋତ୍ସାହନ ଅଭାବରୁ ଶବରପଡ଼ାର ପୂଜା ଘର ଚାରିକାନ୍ଥ ଭିତରେ ସୀମିତ ହୋଇ ରହିଯାଇଛି ବୀରବାଦ୍ୟର ପ୍ରତୀକ ଘୁମୁରା। ଏବଂ ଏହାକୁ ଜୀବିକା ଭାବେ ଗ୍ରହଣ କରିଥିବା କଳାକାରଙ୍କ ଭବିଷ୍ୟତ ମଧ୍ୟ ହୋଇପଡ଼ିଛି ସନ୍ଦିହାନ।**

କାମାକ୍ଷାନଗର, ୨୨।୮
(ସୁଧୀର କୁମାର ପରିଡ଼ା)

‘ଘୁମୁରା’କୁ ବାଦ୍‌ଦେଲେ ଅସମ୍ପୂର୍ଣ୍ଣ ଶବର ସଂସ୍କୃତି। ପ୍ରକୃତିର ଉପାସକ ଆଦିବାସୀଙ୍କ ପରମ୍ପରା, ଧର୍ମ ଏବଂ ମନୋରଞ୍ଜନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏହି ପାରମ୍ପରିକ ଲୋକନୃତ୍ୟ ଏବେ ଶବରପଡ଼ାରେ ଶେଷନିଃଶ୍ୱାସ ନେଉଛି। ଏହାର ସଂରକ୍ଷଣ ଦିଗରେ ପ୍ରୟାସ କରା ନ ଗଲେ ଆଦିବାସୀ ଜନଜୀବନର ଗହନ କଥାକୁ ଲୋକଲୋଚନକୁ ଆଣୁଥିବା ‘ଘୁମୁରା’ ଭଳି ଲୋକପ୍ରିୟ ଲୋକନୃତ୍ୟ ଇତିହାସ ପାଲଟିଯିବ ବୋଲି ସଂସ୍କୃତି ବିଶାରଦମାନେ ମତ ଦେଇଛନ୍ତି।

ଲୋକନୃତ୍ୟ, ଲୋକସଙ୍ଗୀତକୁ ନେଇ ରାଜ୍ୟରେ ସୁନାମ ଅର୍ଜିଛି ଢେଙ୍କାନାଳ ଜିଲା। ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନର ପୃଷ୍ଠପୋଷକତାରେ ପୁନର୍ଜୀବିତ



ପାରମ୍ପରିକ ବାଦ୍ୟ ଘୁମୁରା ସହ କଳାକାରମାନେ।

ହୋଇଛି ପାଲା, ଦାସକାଠିଆ, ଦଣ୍ଡ, ଖଞ୍ଜଣି ବାଦନ ଭଳି ୧୦ରୁ ଊର୍ଦ୍ଧ୍ୱ ଲୋକକଳା। ହେଲେ ଅନ୍ୟ ଲୋକକଳା ଭଳି ‘ଘୁମୁରା’କୁ ସେତେଟା ପ୍ରାଧାନ୍ୟ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। କଳାକାରଙ୍କୁ ଉପଯୁକ୍ତ ମାନ୍ୟତା, ସମ୍ମାନ ଦିଆଯାଉ ନ ଥିବାବେଳେ ସୀମିତ ମଞ୍ଚରେ କଳା ପ୍ରଦର୍ଶନର ସୁଯୋଗ ମଧ୍ୟ ମିଳୁନାହିଁ। ଫଳରେ ଏଭଳି ଏକ ପ୍ରାଚୀନ ଲୋକନୃତ୍ୟର ପରିସର କେବଳ ଶବରପଡ଼ାର ଗାଁଗଣ୍ଡାରେ ସୀମିତ ହୋଇ ରହିଯାଇଛି।

କାମାକ୍ଷାନଗର ଉପଖଣ୍ଡର କାଦୁଆ, ବାଇସିଙ୍ଗା, ବାଙ୍ଗୁରା, ମୋଟା, ବାଉଁଶପାଳ, ପଞ୍ଚାୟତ, ଭୁବନ, ପରଜଙ୍ଗ ଏବଂ କଙ୍କଡ଼ାହାଡ଼ ବ୍ଲକରେ ବହୁ ଶବର ସମ୍ପ୍ରଦାୟର ପରିବାର ବାସ କରୁଛନ୍ତି। ଆଜି ବି ସମ୍ପୃକ୍ତ ଗ୍ରାମରେ

- ଲୋକକଳାକୁ ପ୍ରୋତ୍ସାହନ ମିଳୁନି
- କଳାକାରଙ୍କୁ ଦିଆଯାଉନି ମାନ୍ୟତା
- ମଞ୍ଚ ଅଭାବରୁ ମରିଯାଉଛି ଉତ୍ସାହ

ଘୁମୁରା ବାଦନ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ପୁରୁଖା କଳାକାର। ବିଶେଷକରି ରାଖୀ ପୂର୍ଣ୍ଣିମାଠାରୁ ଜନ୍ମାଷ୍ଟମୀ ଯାଏ ଶବର ବହୁଳ ଗ୍ରାମରେ ଆରମ୍ଭ ହୁଏ ଘୁମୁରା ନୃତ୍ୟ। ପିଠାପଣାରେ ମହକି ଉଠେ ଘର। ପୂର୍ବପୁରୁଷଙ୍କୁ ପିଣ୍ଡଦାନ କରି କମଡ଼େଇ ଠାକୁରାଣୀଙ୍କୁ ପୂଜା କରିବା ସହ ଘୁମୁରା ବାଦ୍ୟର ତାଳେ ତାଳେ ମସ୍‌ଗୁଲ ହୋଇଥାଆନ୍ତି ସମସ୍ତେ। ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ଏବଂ ମୂଲମଜୁରିରୁ ସାମୟିକ ବିରତି ନେଇ ୧୫ଦିନ ଯାଏ ଚାଲିଥାଏ ମହୋତ୍ସବ। ପୁରୁଷମାନେ ଶବର, ଶବରୁଣୀ ବେଶରେ ଢଗଢମାଳି, କୃଷି ସମ୍ପର୍କିତ ଗୀତ ଗାଇ ବୁଲିବା ସହ ଭୋଜିଭାତରେ ସମୟ ବିତାଇଥାଆନ୍ତି। ହେଲେ ଆଧୁନିକତାର ଚାପରେ ଯୁବଗୋଷ୍ଠୀ ମହିଳା ବେଶରେ ଘୁମୁରା ନୃତ୍ୟ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସାହିରେ ଆଖଡ଼ା ହେଉନି। ଘୁମୁରା କଳାକାର ଗହ୍ମା ପୂର୍ଣ୍ଣିମାରେ ଏହି ବାଦ୍ୟଯନ୍ତ୍ର ବାହାର କରି ପୂଜାର୍ଚ୍ଚନା କରିବା ସହ ପୁଣିଥରେ ସାଇତି ରଖିଦେଉଛନ୍ତି। ପାଲା, ଦାସକାଠିଆ, ଖଞ୍ଜଣି ବଜାଉଥିବା କଳାକାରଙ୍କୁ ସରକାରୀ ଜନସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଥିବାବେଳେ ଏଥିରେ ଘୁମୁରାକୁ ସାମିଲ କରାଗଲେ ଶତାଧିକ କଳାକାର ଉପକୃତ ହୋଇପାରନ୍ତେ। ଘୁମୁରା ଲୋକନୃତ୍ୟ, ବାଦ୍ୟକାର ଏବଂ ଏହାକୁ ବଞ୍ଚାଇ ରଖିଥିବା କଳାପ୍ରେମୀଙ୍କ ମର୍ଯ୍ୟାଦା ବଢ଼ନ୍ତା ବୋଲି ମତପ୍ରକାଶ ପାଇଛି।

#### ପ୍ରଶାସନ ଚାହିଁଲେ କଳା ବଞ୍ଚିବ



“ପାର୍ବଣ ସମୟରେ ଶବର ସମ୍ପ୍ରଦାୟର ଲୋକେ ଘୁମୁରା ନୃତ୍ୟ କରି ଦୁଇ ପଇସା ରୋଜଗାର କରୁଥିଲେ। ଜିଲା ମହୋତ୍ସବରେ ମଧ୍ୟ ଘୁମୁରା ପ୍ରଦର୍ଶିତ ହେଉଥିଲା। ଘୁମୁରାକୁ ପ୍ରୋତ୍ସାହନ ଲୋଡ଼ା। ପ୍ରଶାସନ ଚାହିଁଲେ କଳା ବଞ୍ଚିବ।

-ସୁଦାମ ଦେହୁରୀ, ବରିଷ୍ଠ ନାଗରିକ, ବାଇସିଙ୍ଗା

#### ଆବଶ୍ୟକ ଗୁରୁତ୍ୱ ମିଳୁନି



“ମାନ୍ୟତା ଏବଂ ପ୍ରୋତ୍ସାହନ ମିଳିଲେ ଘୁମୁରା ନୃତ୍ୟର ଗୌରବ ଫେରିପାରନ୍ତା। ନୂଆ କଳାକାର ସୃଷ୍ଟି ହୁଅନ୍ତେ। ହେଲେ ଅନ୍ୟ ଲୋକନୃତ୍ୟ ଭଳି ସରକାର ଘୁମୁରାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି।

-ବିଜୟ ଦେହୁରୀ, ବାଇସିଙ୍ଗା

#### ପୁନରୁଦ୍ଧାର ପାଇଁ ଉଦ୍ୟମ କରାଯାଉଛି



“କାମାକ୍ଷାନଗର ଉପଖଣ୍ଡର ୧୫ ହଜାରରୁ ଊର୍ଦ୍ଧ୍ୱ କଳାକାର ପଞ୍ଜୀକୃତ ହୋଇଛନ୍ତି। ଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର ଲାଗି ରାଜ୍ୟ କଳା ଓ ସଂସ୍କୃତି ସଂଘ ପକ୍ଷରୁ ଉଦ୍ୟମ କରାଯାଉଛି।

-ଅବନୀ କୁମାର ମିଶ୍ର,
ରାଜ୍ୟ କଳା ଓ ସଂସ୍କୃତି ସଂଘ ଉପସଭାପତି

#### କଳା, ସଂସ୍କୃତି ସଂଘ ସହ ଆଲୋଚନା କରାଯିବ



“ଘୁମୁରା ଏକ ଲୋକପ୍ରିୟ ନୃତ୍ୟ। କାମାକ୍ଷାନଗର ଅଞ୍ଚଳରେ ଏଭଳି ପୁରାତନ ଲୋକକଳା ଥିବା ଜଣା ନ ଥିଲା। ଏହାର ବିକାଶ ଲାଗି ଖୁବ୍‌ଶୀଘ୍ର ବ୍ଲକ କଳା, ସଂସ୍କୃତି ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯିବ।

- ବିକାଶ କୁମାର ମହାନ୍ତି, କାମାକ୍ଷାନଗର ବିଡିଓ

## କଲ୍ୟାଣ ସିଂଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ,୨୨।୮

ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା କଲ୍ୟାଣ ସିଂଙ୍କ ପରଲୋକକୁ ନେଇ ରବିବାର ଅନୁଗୋଳ ଜିଲା ଭାଜପା ପକ୍ଷରୁ ଶୋକପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଏକ ବାର୍ତ୍ତା ମାଧ୍ୟମରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି କହିଛନ୍ତି। ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ସୁଦୀପ ଗଡ଼ନାୟକ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ମିଡିଆସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଶାଳଗଣ୍ଡି ଜବତ

ଛେଣ୍ଡିପଦା,୨୨।୮(ସ୍ୱ.ପ୍ର)

ଛେଣ୍ଡିପଦା ବନାଞ୍ଚଳ ଭାଗଲାକଟା ଗ୍ରାମ୍ୟ ଜଙ୍ଗଲରେ ରବିବାର ବନ ବିଭାଗ କର୍ମଚାରୀମାନେ ଚଢାଉ କରି ଏକ ଶାଳଗଣ୍ଡି ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛନ୍ତି। ବନ ବିଭାଗ ସୂତ୍ରରୁ ପ୍ରକାଶ, ଭାଗଲାକଟା ଗ୍ରାମ ଜଙ୍ଗଲରେ ଉକ୍ତ ଗାଡ଼ିରେ ଶାଳକାଠ ବୋଝେଇ ହେଉଥିବା ଖବରପାଇ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଦୀପକ କୁମାର ସେଠୀ ସଦଳବଳ ଚଢାଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଗାଡି ଚାଳକଙ୍କ ସହ ଅନ୍ୟ ସହଯୋଗୀ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ୬ ଫୁଟ ଲମ୍ବର ୧୦ ଖଣ୍ଡ ଶାଳ ଗଣ୍ଡି ଜବତ ହୋଇଛି। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

# ପକ୍କାରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କୁ ଦାବିପତ୍ର

ବଇଣ୍ଡା,୨୨।୮(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସିନ୍ଦୁରଖୋଳ ଗ୍ରାମକୁ ପିଚୁ ରାସ୍ତା ନିର୍ମାଣ ପାଇଁ ରବିବାର ଗ୍ରାମବାସୀ ଆଠମଲ୍ଲିକ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ସାନହୁଲା ପଞ୍ଚାୟତରେ ଅବସ୍ଥିତ ଏହି ଗ୍ରାମରେ ୭୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗ୍ରାମକୁ ଯାଇଥିବା ୨ କି.ମି ମାଟି ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତାକୁ ପିଚୁ ଢଳେଇ କରିବା ପାଇଁ ଗ୍ରାମବାସୀ ବହୁବାର ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇପଡୁଛି। ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗର୍ଭବତୀ, ଗୁରୁତର ରୋଗୀ ମେଡ଼ିକାଲ ଯିବାରେ ସମସ୍ୟା ଭୋଗୁଛନ୍ତି। କୌଣସି ଭଡା ଗାଡି, ୧୦୮, ୧୦୨ ଆମ୍ବୁଲାନ୍ସ ସୁବିଧାରେ ଗ୍ରାମକୁ



ଆସିପାରୁନାହିଁ। ଫଳରେ ସାଧାରଣ ଲୋକେ ବହୁ ହଇରାଣ ହେଉଛନ୍ତି। ଗ୍ରାମକୁ ପିଚୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ୧୦।୨।୨୦୧୭, ୧୨।୬।୨୦୧୯ ଏବଂ ୨।୮।୨୦୨୧ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଗ୍ରାମକୁ ପୂର୍ତ୍ତ ବିଭାଗ ଅନୁଦାନରେ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ସ୍ୱୟଂମ୍ବର ପ୍ରଧାନ, ନାରାୟଣ ପ୍ରଧାନ, ନଗେନ୍ଦ୍ର ସାହୁ, ପୁଷ୍ପାଞ୍ଜଳି ବିଶ୍ୱାଳ, ନିରଞ୍ଜନ ପ୍ରଧାନ , ସୁବାସ ଚନ୍ଦ୍ର ସାହୁ, ପଦ୍ମଲୋଚନ ରାଉଳ, ତ୍ରିନାଥ ପ୍ରଧାନ, ମହୋନ ପ୍ରଧାନ, ଉପେନ୍ଦ୍ର ସାହୁ, ଲୋଚନ ରାଉଳ ପ୍ରମୁଖ ଦାବି କରିଛନ୍ତି।

## ରାସ୍ତାରେ ଟଳିପଡ଼ିଲେ ଚାଷୀ

ଅନୁଗୋଳ ଅଫିସ, ୨୨।୮

ଅନୁଗୋଳ ଥାନା ଅନ୍ତର୍ଗତ କୁରୁଡୁଲୁ ଗ୍ରାମର ଚାଷୀ କୁଞ୍ଜବିହାରୀ ସାହୁ (୫୫)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ ଚାଷ ଜମିରୁ ଫେରୁଥିବାବେଳେ ରାସ୍ତାରେ ଟଳି ପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରଚଣ୍ଡ ଖରାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। କୁଞ୍ଜବିହାରୀଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ପରିବାର ସଦସ୍ୟ ଭାଙ୍ଗି ପଡ଼ିଛନ୍ତି। ଚାଷୀ ପରିବାରକୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

ବନ୍ତଳା,୨୨।୮(ଡି.ଏନ୍.ଏ)

ଭାରତ-ପାକିସ୍ତାନ ଯୁଦ୍ଧରେ ଭାଗ ନେଇଥିବା ଅନୁଗୋଳ ବ୍ଲକ ବନ୍ତଳା ପୋକତୁଙ୍ଗା ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଦୁର୍ଗାଚରଣ ଦେହୁରୀ (୭୧)ଙ୍କ ଶନିବାର ରାତି ୧୧ଟାରେ ପରଲୋକ ହୋଇଯାଇଛି। ସେ ଜୁଲାଇ ୨୮ରୁ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ରିପୋର୍ଟ କରୋନା ପଜିଟିଭ୍ ଆସିଥିଲା। ୧୯୬୭ରେ ଭାରତୀୟ ସେନାରେ ଯୋଗଦେଇଥିବା ଦୁର୍ଗାଚରଣ ୧୯୯୩ରେ ଅବସର ଗ୍ରହଣ କରିଥିଲେ। ଏହାପରେ ଅଞ୍ଚଳର ସାମାଜିକ କାର୍ଯ୍ୟରେ ମନୋନିବେଶ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ଦୁର୍ଗାଚରଣ ଦେହୁରୀ।

ଅନ୍ତିମ ସମୟରେ ତାଙ୍କ ୨ ପୁଅ ଦୈନିକ ‘ଧରିତ୍ରୀ’ର ବନ୍ତଳା ପ୍ରତିନିଧି ଦୀନେଶ ଦେହୁରୀ, ଦେବଶ ଦେହୁରୀ, ସମ୍ପର୍କୀୟ ନଗେଶ ଦେହୁରୀ, ବାପୁନ ଦେହୁରୀ, ଅଜ୍ଞାନ ଦେହୁରୀ, କପିଳେନ୍ଦ୍ର ପ୍ରଧାନ, ରଞ୍ଜିତ ପ୍ରଧାନ, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାଚରଣଙ୍କ ପରଲୋକରେ ବନ୍ତଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୫୬୪ ୟୁନିଟ୍ ରକ୍ତ ସଂଗ୍ରହ

କାମାକ୍ଷାନଗର, ୨୨।୮(ଡି.ଏନ୍.ଏ.)

**ବିଜେଡି ପକ୍ଷରୁ ମେଗା ଶିବିର**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜୁ କଲ୍ୟାଣ ମଣ୍ଡପ ପରିସରରେ ରବିବାର ବିଜେଡି ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାମାକ୍ଷାନଗର ବିଧାୟକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ମୋଟ ୫୬୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତଭଣ୍ଡାର ଏବଂ କଟକସ୍ଥିତ କେନ୍ଦ୍ରୀୟ ରକ୍ତଭଣ୍ଡାରର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ଜିଲା ଛାତ୍ର ବିଜେଡି ସଭାପତି ସୁରଜ କୁମାର ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ସୂର୍ଯ୍ୟସମ୍ବିତ ସାହୁ, ମଦନ ବେହେରା, ଯଜ୍ଞେଶ୍ୱର ନାୟକ, ରଞ୍ଜିତା ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।





ମେଗା ରକ୍ତଦାନ ଶବିରରେ ଖଣିମନ୍ତ୍ରୀଙ୍କ ସମେତ ବିଜେଡି ନେତୃବୃନ୍ଦ।

## ୧୯ ମୁଣ୍ଡ ନେଲା କରୋନା

ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ୍, ୨୨।୮

ଢେଙ୍କାନାଳରେ ଦୈନିକ କରୋନା ମୃତ୍ୟୁ ରେକର୍ଡ ଭାଙ୍ଗିଛି। ଦିନକରେ ୧୧ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୧୯୧ରେ ପହଞ୍ଚିଛି। ସେହିପରି ଦିନକରେ ୧୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୬ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୧ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅନୁଗୋଳ ଜିଲାରେ ୮ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏଥିସହ ୨୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭୬ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜୀବଙ୍କ ଅବଦାନ ଅତୁଳନୀୟ

ଢେଙ୍କାନାଳ ଅଫିସ, ୨୨।୮

ଢେଙ୍କାନାଳ ଜିଲା କିଷାନ କଂଗ୍ରେସ ପକ୍ଷରୁ ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫ ପଞ୍ଚାୟତର କୃଷକ ଯୋଗଦେଇଥିଲେ। ଚାଷୀଙ୍କୁ ଦଳୀୟ ହାତ ଚିହ୍ନ ଥିବା ମାସ୍କ ବଣ୍ଟନ କରାଯାଇଥିଲା। ଦେଶର ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଓ କାରିଗରି କୌଶଳରେ ରାଜୀବଙ୍କ ଅବଦାନ ଅତୁଳନୀୟ। ଓଡ଼ିଶା ପର୍ଯ୍ୟଟନ, ଶିଳ୍ପକ୍ଷେତ୍ରର ଉନ୍ନତି ଦିଗରେ ସେ ବହୁ ପଦକ୍ଷେପ ନେଇଥିଲେ ବୋଲି ବିପ୍ରବର ସାହୁ କହିଥିଲେ। ସାରଙ୍ଗ ରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସୁନାବେଶରେ ଝଲସିଲେ ବଳରାମ



ସୁନା ଅଳଙ୍କାର ବେଶରେ ଶ୍ରୀଜୀଉ ଦର୍ଶନ ଦେଉଛନ୍ତି।

ଢେଙ୍କାନାଳ ଅଫିସ, ୨୨।୮

ଢେଙ୍କାନାଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ବଳରାମଙ୍କ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଛି ବଳଭଦ୍ର ଜନ୍ମ ନୀତି। ଏହାକୁ ନେଇ ଉତ୍ସବମୁଖର ହୋଇଉଠିଥିଲା ସିଦ୍ଧ ବଳରାମ ପୀଠ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବାବେଳେ ମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ହୋଇଥିଲା ସ୍ୱତନ୍ତ୍ର ବ୍ୟବସ୍ଥା। ସୁନା ଅଳଙ୍କାରରେ ଶ୍ରୀଜୀଉ ଝଲସି ଉଠିଥିବାବେଳେ ଶତାଧିକ ଶ୍ରଦ୍ଧାଳୁ ଏହି କମନୀୟ ବେଶ ଦର୍ଶନ କରିଥିଲେ।

ବଳରାମଙ୍କ ଜୟନ୍ତୀ ଉପଲକ୍ଷେ, ପ୍ରାତଃରୁ ପହଡ଼ ଫିଟା ନୀତି ପରେ ପର୍ଯ୍ୟାୟକ୍ରମେ ନୀତି ଗଡ଼ିଥିଲା। ସୂର୍ଯ୍ୟପୂଜା ପରେ ଅନ୍ୟାନ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ରାଜ ପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦଓ ଆଳତି କରିଥିଲେ। ଏହାପରେ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ପୂଜି ପ୍ରସାଦ ସେବନ କରିଥିଲେ। ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ମନ୍ଦିର ଜିମାଦାର ବସନ୍ତ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଜୀଉ ପିନ୍ଧିଲେ ପାଟରାଖୀ

ଭୁବନ, ୨୨।୮(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ପାଟରା ସମାଜ ପକ୍ଷରୁ ରବିବାର ପବିତ୍ର ରକ୍ଷାବନ୍ଧନ ଉତ୍ସବ ଏବଂ ମହାପ୍ରଭୁ ବଳରାମଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀମନ୍ଦିରରେ ନିଖିଳ ଉତ୍କଳ ପାଟରା ସମାଜ ପକ୍ଷରୁ ପାଟବସ୍ତ୍ର, ରାଖୀଲାଗି ସେବା ପରମ୍ପରା ପାଳନ କରାଯାଉଥିବାବେଳେ ସମ୍ପ୍ରଦାୟର ଭୁବନ ଥାନ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପରମ୍ପରା ପାଳିତ ହୋଇଥିଲା। ଏହି ଉପଲକ୍ଷେ ସକାଳ ୭ଟାରେ ବଡ଼ହାଟସ୍ଥିତ ପାଟରା ସମାଜ କୋଠାଘର ପରିସରରୁ ଥାନପତି ପ୍ରେମାନନ୍ଦ ମହାନ୍ତି, ସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ମନୋଜ ସାହୁ, ସମରେନ୍ଦ୍ର ମହାନ୍ତି, କୋଦଣ୍ଡଧର ମହାନ୍ତି ପ୍ରମୁଖ ବାହାରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଲେ। ସମାଜ ପକ୍ଷରୁ ହାତ ତିଆରି ପାଟବସ୍ତ୍ର ଏବଂ ରାଖୀ ଶ୍ରୀଜୀଉଙ୍କୁ ଲାଗି କରାଯାଇଥିଲା। ଏହି ଅବସରରେ ଠାକୁରଙ୍କ ଆଜ୍ଞାମାଳ ଅଣାଯାଇ ଇଷ୍ଟଦେବ ବଳଭଦ୍ରଙ୍କୁ ନଗର ପରିକ୍ରମା କରାଯାଇଥିଲା।

